# NATIONAL NEWS BULLETIN (ODIA)

**15 March- 2025**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଆସାମର ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ କେନ୍ଦ୍ର ସରକାର ନିଜର ପ୍ରତିବଦ୍ଧତା ପ୍ରକାଶ କରିଛନ୍ତି କହିଲେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ।

- ଖାଉଟୀମାନଙ୍କ ଅଧିକାରର ସୁରକ୍ଷା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଅବସରରେ ଆଜି ପାଳିତ ହେଉଛି ବିଶ୍ୱ ଖାଉଟୀ ଅଧିକାର ଦିବସ ।

- କାୟୋଜେନିକ ଇଞ୍ଜିନିର ହଟ୍ ଟେଷ୍ଟିଂ ପ୍ରଣାଳୀର ସଫଳତା ସହ ପରୀକ୍ଷା କଲା ଇସ୍ରୋ ।

- ବଲୁଚିସ୍ତାନ ଟ୍ରେନ୍ ଅପହରଣ ଘଟଣାରେ ସମସ୍ତ ପଣବନ୍ଦୀଙ୍କୁ ହତ୍ୟା କରାଯାଇଥିବା ବଲୁଚି ଲିବରେସନ ଆର୍ମିର ଦାବି ।

ଏବଂ

- ମହିଳା ପ୍ରିମିୟର୍ ଲିଗ୍ କ୍ରିକେଟ୍ ଫାଇନାଲ୍‌ରେ ଆଜି ମୁହାଁମୁହିଁ ହେବେ ମୁମ୍ବାଇ ଇଣ୍ଡିଆନ୍ସ ଓ ଦିଲ୍ଲୀ କ୍ୟାପିଟାଲ୍ସ ।

---

# ଅମିଶଶାହା-ଆସାମ ମିଜୋରାମ

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା କହିଛନ୍ତି ଆସାମର ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଅନେକଗୁଡ଼ିଏ ପଦକ୍ଷେପ ଗ୍ରହଣ କରାଯାଇଛି । ଆଜି ଗୋଲଘାଟ ଜିଲ୍ଲା ଦେରଗାଓଁଠାରେ ଲଚିତ ବରଫୁକାନ ପୋଲିସ ଏକାଡେମୀର ଉଦ୍‌ଘାଟନ ସହ ପୋଲିସ ଏକାଡେମୀ ପାଇଁ ଆବାସ ପ୍ରକଳ୍ପର ଶିଳାନ୍ୟାସ କରିବା ଅବସରରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଏହା କହିଛନ୍ତି....

**V/O-**

ସେ କହିଛନ୍ତି ସେମି କଣ୍ଡକ୍ଟର କ୍ଷେତ୍ରରେ ଯେଉଁ ବିକାଶ ଘଟୁଛି ତାହା ଆସାମର ଭବିଷ୍ୟତକୁ ଉଜ୍ଜ୍ୱଳମୟ କରିବ । ଆସାମ ପାଇଁ ୫ଲକ୍ଷ ୧୮ କୋଟି ଟଙ୍କାର ପୁଞ୍ଜିନିବେଶ ନିମନ୍ତେ ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି ବୋଲି ଶ୍ରୀ ଶାହା କହିଛନ୍ତି ।

ଆଜି ଅପରାହ୍ଣରେ ଶ୍ରୀ ଶାହା ଆଇଜୋଲ୍‌ରେ ଆସାମ ରାଇଫଲ ପ୍ରତିଷ୍ଠାନ ଗୁଡ଼ିକୁ ଜୋଖାଓ୍ୱାସଙ୍ଗକୁ ସ୍ଥାନାନ୍ତର ନିମନ୍ତେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେବେ । ପରେ ଶ୍ରୀ ଶାହା ଗୌହାଟୀରେ ରାତ୍ରୀ ଯାପନ କରିବେ ।

ଆସନ୍ତାକାଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଶାହା କୋକ୍ରାଝର ଜିଲ୍ଲାର ଡୋଟମା ଠାରେ ବୋଡୋ ଛାତ୍ର ସଂସଦର ୫୭ତମ ବାର୍ଷିକ ସମ୍ମିଳନୀକୁ ସମ୍ବୋଧନ କରିବେ । ନୂଆଦିଲ୍ଲୀ ଫେରିବା ପୂର୍ବରୁ ଶ୍ରୀ ଶାହା ଉତ୍ତର ପୂର୍ବ ରାଜ୍ୟ ଗୁଡ଼ିକରେ ନୂତନ ଅପରାଧିକ ଆଇନ୍‌ର କାର୍ଯ୍ୟକାରିତା ନେଇ ସମୀକ୍ଷା କରିବେ ।

## ଖାଉଟି ଦିବସ

ବିଶ୍ୱ ଖାଉଟି ଅଧିକାର ଦିବସ ଆଜି ପାଳନ କରାଯାଉଛି । ପ୍ରତିବର୍ଷ ମାର୍ଚ୍ଚ ମାସ ୧୫ ତାରିଖ ଦିନ ଖାଉଟି ମାନଙ୍କ ଅଧିକାରର ସୁରକ୍ଷା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ଏହି ଦିବସ ପାଳନ କରାଯାଇ ଆସୁଛି । ଚଳିତ ବର୍ଷ ଖାଉଟି ଅଧିକାର ଦିବସର ବାର୍ତ୍ତା ରହିଛି 'ସ୍ଥାୟି ଜୀବନଶୈଳୀ ପାଇଁ ଆବଶ୍ୟକ ପରିବର୍ତ୍ତନ' ।

ଖାଉଟି ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଆଜି ଖାଉଟିମାନଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହେଉଛି । ଜାଗୋ ଗ୍ରାହକ ଜାଗୋ କାର୍ଯ୍ୟକ୍ରମ ଅଧୀନରେ ଖାଉଟିମାନଙ୍କୁ ମଧ୍ୟ ସଚେତନ କରାଯାଉଛି ।

## ଯୋଶୀ-ଖାଉଟୀ

ଉପଭୋକ୍ତା ମାନଙ୍କୁ ବିଭ୍ରାନ୍ତିକର ଦାବିରୁ ସୁରକ୍ଷା ଦେବାଲାଗି ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ଖାଉଟୀ ବ୍ୟପାର ମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀ କହିଛନ୍ତି । ବିଶ୍ୱ ଖାଉଟୀ ଅଧିକାର ଦିବସ ଅବସରରେ ଆଭାସୀ ଜରିଆରେ ଏକ ୱେବିନାରକୁ ସମ୍ବୋଧନ କରିବା ଅବସରରେ ସେ ଏହା କହିଛନ୍ତି । ଶ୍ରୀ ଯୋଶୀ କହିଛନ୍ତି ସରକାର ଉପଭୋକ୍ତାଙ୍କ ସଶକ୍ତିକରଣ ଉପରେ ଧ୍ୟାନ ଦେଇ ଅଭିଯୋଗ ଗୁଡ଼ିକର ସମାଧାନ କରିବା ପାଇଁ ଆଧୁନିକୀ

ଜ୍ଞାନକୌଶଳ ବ୍ୟବହାର କରୁଛନ୍ତି । ସେ କହିଛନ୍ତି, ଉପଭୋକ୍ତା ସୁରକ୍ଷା ନିୟମ ୨୦୨୦ ଅନୁଯାୟୀ, ଅନ୍‌ଲାଇନ୍ ପ୍ଲାଟଫର୍ମରେ ଠକେଇର ଶିକାର ହେଉଥିବା ଉପଭୋକ୍ତାମାନଙ୍କୁ ସୁରକ୍ଷା ଯୋଗାଇ ଦିଆଯାଉଛି । ଶ୍ରୀ ଯୋଶୀ କହିଛନ୍ତି ଜାତୀୟ ଉପଭୋକ୍ତା ହେଲ୍‌ପଲାଇନ୍ ଭାରତର ଉପଭୋକ୍ତାଙ୍କ ସଶକ୍ତିକରଣ ପାଇଁ ଦୃଢ଼ ମୁଳଦୁଆ ସାଜିଛି ।

## ଇସ୍ରୋ-ଏଲ୍‌ଭିଏମ୍-୩

ଭାରତୀୟ ମହାକାଶ ଅନୁସନ୍ଧାନ ପ୍ରତିଷ୍ଠାନ ଇସ୍ରୋ ସଫଳତାର ସହ କ୍ରାୟୋଜେନିକ୍ ଇଞ୍ଜିନର ହଟ୍ ଟେଷ୍ଟିଂ ପ୍ରଣାଳୀର ପରୀକ୍ଷା କରିଛି ।ଏହାର ଷଷ୍ଠ ପରିଚାଳନାଗତ ଅଭିଯାନରେ ଏଲ୍‌ଭିଏମ୍-୩ ଲଞ୍ଚ ଭେଇକିଲ ଏହି ପରୀକ୍ଷାରେ ସଫଳ ହୋଇଥିବା ଜଣାପଡିଛି । ତାମିଲନାଡୁର ମହେନ୍ଦ୍ରଗିରିରେ ଇସ୍ରୋର ପ୍ରପଲସନ କମ୍ପ୍ଲେକ୍ସଠାରେ ଏହି ପରୀକ୍ଷା କରାଯାଇଥିଲା । ଲଞ୍ଚ ଭେଇକିଲ୍ ମାର୍କ-୩ ଏକ ତ୍ରିସ୍ତରୀୟ ମଧ୍ୟମ ଧରଣର ଯାନ, ଯାହା ସାହାଯ୍ୟରେ ଉପଗ୍ରହ ଉତ୍‌କ୍ଷେପଣ କରାଯାଇଥାଏ । ପ୍ରତ୍ୟେକ ମିଶନ ପୂର୍ବରୁ କାୟୋଜେନିକ ଇଞ୍ଜିନର ହଟ୍ ଟେଷ୍ଟିଂ କରାଯିବା ଏକ ପ୍ରକ୍ରିୟା, ଯେଉଁଥିରେ ଏହା ଯେଉଁ ରକେଟ୍‌କୁ ଉତ୍‌କ୍ଷେପଣ କରିବାକୁ ଥିବ ତାହା ସଠିକ୍ ଭାବେ ଗ୍ରହଣ ହେଉଛି କି ନାହିଁ ଜଣାପଡିଥାଏ । ମହାକାଶ ଅଭିଯାନ କ୍ଷେତ୍ରରେ କମ୍ ସମୟ ମଧ୍ୟରେ

କାୟୋଜେନିକ ଇଞ୍ଜିନର ସଫଳତା ସୁନିଶ୍ଚିତ କରିବା ପାଇଁ ଏହି ପରୀକ୍ଷା କରାଯାଏ । ସୂଚନା ଅନୁଯାୟୀ ସି.ଇ-୨୦ ଇଞ୍ଜିନର ପ୍ରଦର୍ଶନ ସମସ୍ତ ମାନଦଣ୍ଡ ପୂରଣ କରିଛି । ଏବେ ସମ୍ପୃକ୍ତ ଇଞ୍ଜିନକୁ କାୟୋଜେନିକ ଅପର ଷ୍ଟେଜ ଅର୍ଥାତ ଏଲ୍‌ଭିଏମ୍-୩ ମାର୍କ-୬ ସହ ସଂଯୋଗ କରାଯିବ । ଚଳିତବର୍ଷ ମଧ୍ୟଭାଗରେ ଏହା ଉତ୍‌କ୍ଷେପଣ କରାଯିବ ବୋଲି ସୂଚନା ମିଳିଛି ।

## ପଞ୍ଜାବ ଟେମ୍ପୁଲ ଏକ୍‌ସପୋଜର

ପଞ୍ଜାବର ଅମୃତସରରେ ଗ୍ରେନେଡ ବିସ୍ଫୋରଣରେ ଏକ ମନ୍ଦିରର କିଛି ଅଂଶ ନଷ୍ଟ ହୋଇଥିବା ଜଣାପଡିଛି । ସୂଚନା ଅନୁଯାୟୀ ଗତ ରାତି ବିଳମ୍ବିତ ପ୍ରହରରେ ମୋଟର ସାଇକଲରେ ଆସି ୨ଜଣ ବ୍ୟକ୍ତି ଗ୍ରେନେଡ ଫିଙ୍ଗିଥିବା କୁହାଯାଇଛି । ଏହି ବିସ୍ଫୋରଣରେ ମନ୍ଦିରର କାନ୍ଥ ସଂପୂର୍ଣ୍ଣ ଧ୍ୱସ୍ତ ହୋଇଯାଇଛି । ତେବେ ଏଥିରେ କୌଣସି ଧନଜୀବନ କ୍ଷତି ହୋଇନଥିବା ଜଣାପଡିଛି । ମନ୍ଦିର ପରିସରରେ ରହୁଥିବା ପୂଜକ ଏବଂ ତାଙ୍କ ପରିବାରବର୍ଗ ସୁରକ୍ଷିତ ଅଛନ୍ତି । ଅମୃତସର ପୁଲିସ କମିଶନର ଗୁରୁପ୍ରୀତି ଭିଲାର କହିଛନ୍ତି ପୋଲିସ ସିସିଟିଭି ଫୁଟେଜ୍‌ରୁ ଅଭିଯୁକ୍ତମାନଙ୍କୁ ଚିହ୍ନଟ କରିବା ଲାଗି ଉଦ୍ୟମ ଜାରି ରଖିଛି । ଇତିମଧ୍ୟରେ ଫରେନ୍‌ସିକ୍ ବିଭାଗ ପକ୍ଷରୁ ଘଟଣାସ୍ଥଳରୁ ବ୍ୟବହୃତ ଗ୍ରେନେଡ୍‌ର ଅବଶେଷ ସଂଗ୍ରହ କରାଯାଇଛି ।

ଆମ ଜଲନ୍ଧର ସମ୍ବାଦଦାତା ଜଣାଇଛନ୍ତି ପଞ୍ଜାବରେ ପ୍ରଥମଥର ପାଇଁ କୌଣସି ଧର୍ମାନୁଷ୍ଠାନ ଉପରେ ଆକ୍ରମଣ ହୋଇଛି । ଅନ୍ୟପକ୍ଷରେ ଭୁଲାର ପକ୍ଷରୁ ପାକିସ୍ତାନକୁ ଏହି ଆକ୍ରମଣ ପାଇଁ ଦାୟୀ କରାଯାଇଛି । ତେବେ ଖୁବ୍‌ଶୀଘ୍ର ସନ୍ଦିଗ୍ଧ ମାନଙ୍କୁ ଠାବ କରାଯିବ ବୋଲି ପୋଲିସ କମିଶନର କହିଛନ୍ତି ।

## ଅଶ୍ୱିନୀ ବୈଷ୍ଣବ-ତାମିଲନାଡୁ

ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ତାମିଲନାଡୁର ଶ୍ରୀ ପେରୁମ୍ବୁଦୂରଠାରେ ଜେଟ୍‌ୱର୍କ ଇଲେକ୍ଟ୍ରୋନିକ୍ସର ନୂଆ କ୍ୟାମ୍ପସ ଉଦ୍‌ଘାଟନ କରିବେ । ଏଥିସହିତ ଶ୍ରୀ ବୈଷ୍ଣବ ଆଇଆଇଟି ମାଡ୍ରାସଠାରେ କେତେକ ବିକାଶମୂଳକ ପ୍ରକଳ୍ପର ସମୀକ୍ଷା କରିବେ । ଆଜି ସକାଳେ ଶ୍ରୀ ବୈଷ୍ଣବ ଚେନ୍ନାଇଠାରେ କାର୍ଯ୍ୟକ୍ରମରେ ଭାଗ ନେବା ଲାଗି ପହଞ୍ଚିଛନ୍ତି । ଏହି ଗସ୍ତ କାଳରେ ଶ୍ରୀ ବୈଷ୍ଣବ ଥାୟୁର ଗସ୍ତ କରିବେ, ଯେଉଁଠାରେ ହାଇପରଲୁକ୍ ରେଳ ପ୍ରକଳ୍ପର ପରୀକ୍ଷଣ କାର୍ଯ୍ୟ ଚାଲିଛି । ପରେ ଆଜି ସଂଧ୍ୟାରେ ସେ ଆଇଆଇସି ମାଡ୍ରାସ କ୍ୟାମ୍ପସର ିଆଦ୍ୟାରଠାରେ ସେଣ୍ଟର ଅଫ୍ ଇନୋଭେସନ ପରିଦର୍ଶନ କରିବେ ।

# ହୋଲି

ଓଡ଼ିଶା ସମେତ ଦେଶର ବିଭିନ୍ନ ସ୍ଥାନରେ ଆଜି ଆନନ୍ଦ ଉଲ୍ଲାସର ସହ ରଙ୍ଗର ପର୍ବ ହୋଲି ପାଳିତ ହେଉଛି । ଦେଶର ବିଭିନ୍ନ ଭାଗରେ ଅନନ୍ୟ ପରମ୍ପରାର ସହ ଏହି ପର୍ବ ଭିନ୍ନ ଭିନ୍ନ ନାମରେ ପାଳିତ ହେଉଥିବାବେଳେ ଓଡ଼ିଶା ଓ ପଡୋଶୀ ପଶ୍ଚିମବଙ୍ଗରେ ଦୋଳଯାତ୍ରା ନାମରେ ପାଳିତ ହେଉଥିବା ହୋଲି ପର୍ବରେ ଲୋକମାନେ ମନ୍ଦିର ଯାଇ ଦର୍ଶନ କରୁଛନ୍ତି ।

ବିହାରରେ ଅତ୍ୟନ୍ତ ଉତ୍ସାହର ସହ ହୋଲି ପର୍ବ ପାଳିତ ହେଉଛି । ଆମ ସମ୍ବାଦଦାତା ଜଣାଇଛନ୍ତି ବିହାରରେ ପାରମ୍ପରିକ ଫଗୁ ଗୀତ ସହ ଢ଼ୋଲ ଏବଂ ମଞ୍ଜିରା ବାଦ୍ୟ ଏହି ପର୍ବକୁ ଆହୁରି ଆକର୍ଷଣୀୟ କରିଛି । ହୋଲି ପର୍ବ ଅବସରରେ ରାଷ୍ଟ୍ରପତି, ଉପରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇବା ସହ ରଙ୍ଗର ପର୍ବ ସମସ୍ତଙ୍କ ମଧ୍ୟରେ ଭାଇଚାରା ସୃଷ୍ଟି କରୁ ବୋଲି କାମନା କରିଛନ୍ତି ।

# ପାକ୍‌-ବିଲ୍‌ଏ ହଷ୍ଟେଜେସ୍‌ କିଲ୍‌ଡ

ବଲୁଚିସ୍ତାନରେ ଜାଫର ଏକ୍ସପ୍ରେସ୍‌ ପାସେଞ୍ଜର ଟ୍ରେନ୍‌ ଘଟଣାରେ ବନ୍ଧକ ଥିବା ୨୧୪ଜଣ ପଣବନ୍ଦୀଙ୍କୁ ବଲୁଚି ଲିବରେସନ ଆର୍ମି ହତ୍ୟା କରିଥିବା କହିଛି । ସଂପୃକ୍ତ ସଂଗଠନର ମୁଖପାତ୍ର ଜିୟାଙ୍ଗ ବଲୋଚ କହିଛନ୍ତି ପାକିସ୍ତାନୀ ସେନାକୁ ବନ୍ଦୀମାନଙ୍କୁ ମୁକ୍ତ କରିବା ଲାଗି ୪୮ଘଣ୍ଟାର

ସମୟ ଦିଆଯାଇଥିଲେ ମଧ୍ୟ ସେମାନେ ସେଥିରେ ବିଫଳ ହୋଇଥିଲେ । ସଂଗଠନ ପକ୍ଷରୁ କୁହାଯାଇଛି ସେମାନେ ଆନ୍ତର୍ଜାତିକ ଆଇନ୍ ଅନୁଯାୟୀ କାର୍ଯ୍ୟ କରିଛନ୍ତି । ସଂଗଠନ କହିଛି ସେମାନଙ୍କର ସଦସ୍ୟମାନେ ଶେଷ ପର୍ଯ୍ୟନ୍ତ ଅପେକ୍ଷା କରିବା ପରେ ଫିଦାୟୀ ପ୍ରକ୍ରିୟା ଗ୍ରହଣ କରିଥିଲେ । ଯେଉଁଥିରେ ପଣବନ୍ଦୀଙ୍କୁ ହତ୍ୟା କରିବା ପରେ ସେମାନେ ନିଜକୁ ହତ୍ୟା କରିଥିଲେ ।

ପୂର୍ବରୁ ପାକିସ୍ତାନୀ ସୁରକ୍ଷା ବଳ ପକ୍ଷରୁ ଜାଫର ଏକ୍ସପ୍ରେସ୍ ଘଟଣାରେ ଉଦ୍ଧାରକାର୍ଯ୍ୟ ଶେଷ ହୋଇଥିବା କୁହାଯାଇଥିଲା ଏବଂ ଏହି ଘଟଣାରେ ୩୪୬ଜଣ ପଣବନ୍ଦୀଙ୍କୁ ଉଦ୍ଧାର କରାଯିବା ସହ ୩୩ଜଣ ଆକ୍ରମଣକାରୀଙ୍କୁ ହତ୍ୟା କରାଯାଇଥିବା ସ୍ପଷ୍ଟ କରାଯାଇଥିଲା ।

## ଇଣ୍ଡିଆ-ଆଇଏଲ୍ଓ ଜେନେଭା

ଭାରତ ଶ୍ରମ ସଂସ୍କାର, ସୁ-ନିୟୋଜନ ଏବଂ ସାମାଜିକ ନ୍ୟାୟ କ୍ଷେତ୍ରରେ ବିଶ୍ୱସ୍ତରରେ ଏହାର ନେତୃତ୍ୱ ପ୍ରତି ଅତୁଟ ରହିଛି ବୋଲି କେନ୍ଦ୍ର ଶ୍ରମ ଓ ନିୟୋଜନ ମନ୍ତ୍ରଣାଳୟର ସଚିବ ସୁମିତା ଦୌରା କହିଛନ୍ତି । ଜେନେଭାଠାରେ ଆନ୍ତର୍ଜାତିକ ଶ୍ରମ ସଂଗଠନର ପରିଚାଳନା ପରିଷଦର ୩୫୩ତମ ଅଧିବେଶନକୁ ସମ୍ବୋଧିତ କରି ସେ ଭାରତର ଅନେକଗୁଡ଼ିଏ ଲକ୍ଷ୍ୟ ହାସଲ ସମ୍ପର୍କରେ ସୂଚନା ଦେଇଥିଲେ । ସେ କହିଥିଲେ ଶ୍ରମ ସଂସ୍କାର, ସାମାଜିକ ନ୍ୟାୟ ଏବଂ ନିୟୋଜନ କ୍ଷେତ୍ରରେ ଉତ୍ତମ ବ୍ୟବସ୍ଥା

ଗ୍ରହଣ କରିବା ଦିଗରେ ସାରା ବିଶ୍ୱରେ ଭାରତ ପ୍ରମୁଖ ଦେଶ ଭାବେ ଉଭା ହୋଇଛି । ଭାରତରେ ସାମାଜିକ ସୁରକ୍ଷା ଦ୍ୱିଗୁଣିତ କରାଯାଇ ଏବେ ୪୮ ଦଶମିକ ୮ପ୍ରତିଶତରେ ପହଞ୍ଚିଥିବାବେଳେ ଏହା ବିଶ୍ୱସ୍ତରୀୟ ସାମାଜିକ ସୁରକ୍ଷାଠାରୁ ୫ ପ୍ରତିଶତ ଅଧିକ ରହିଛି । ଅଧିବେଶନ କାଳରେ ଭାରତ ରାସାୟନିକ ଏବଂ ବର୍ଜ୍ୟବସ୍ତୁ ପ୍ରଭାବରୁ ଶ୍ରମିକମାନଙ୍କୁ ସୁରକ୍ଷା ଦେବା କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରୁଛି ବୋଲି ସେ କହିଛନ୍ତି । ଗତ ୧୦ ତାରିଖଠାରୁ ଆରମ୍ଭ ହୋଇଥିବା ଆନ୍ତର୍ଜାତିକ ଶ୍ରମ ସଂଗଠନର ବୈଠକ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ ।

## ପ୍ରିମିୟର୍ ଲିଗ୍

ମହିଳା ପ୍ରିମିୟର୍ ଲିଗ୍ କ୍ରିକେଟ୍ ଫାଇନାଲ୍ ମ୍ୟାଚ୍ ଆଜି ମୁମ୍ବାଇ ଇଣ୍ଡିଆନ୍ସ ଏବଂ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ଅନୁଷ୍ଠିତ ହେବ । ମୁମ୍ବାଇର ବ୍ରାବୋର୍ଣ୍ଣ ଷ୍ଟାଡିୟମ୍‌ରେ ଭାରତୀୟ ସମୟ ରାତି ୮ଟାରେ ମ୍ୟାଚ୍ ଆରମ୍ଭ ହେବ । ମହିଳା ପ୍ରିମିୟର ଲିଗ୍‌ର ଚଳିତ ସିଜିନ୍‌ରେ ୫ଟି ଦଳ ଭାଗ ନେଇଥିବାବେଳେ ଦିଲ୍ଲୀ କ୍ୟାପିଟାଲ୍ସ ୧୦ ପଏଣ୍ଟ ସହ ଶୀର୍ଷରେ ଥିବାବେଳେ ମୁମ୍ବଇ ଇଣ୍ଡିଆନ୍ସ ସମାନ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଛି । ସେହିପରି ଗୁଜୁରାଟ ଜାଏଣ୍ଟ୍‌ସକୁ ୮ ପଏଣ୍ଟ ମିଳିଥିବାବେଳେ

ରୟାଲ ଚାଲେଞ୍ଜର୍ସ ବାଙ୍ଗାଲୋର ଏବଂ ୟୁପି ଓ୍ୱାରିୟର୍ସଙ୍କୁ ୬ ପଏଣ୍ଟ ଲେଖାଏଁ ମିଳିଛି ।

## ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୩୦ ତାରିଖ  ରବିବାର ଦିନ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଜନସାଧାରଣଙ୍କ ସହ ଭାବ ବିନିମୟ କରିବେ । ଏହା ହେବ ତାଙ୍କର ମାସିକ ରେଡିଓ ମନ୍ କି ବାତ୍ କାର୍ଯ୍ୟକ୍ରମର ୧୨୦ତମ ସଂସ୍କରଣ । ଏଥିପାଇଁ ପ୍ରଧାନମନ୍ତ୍ରୀ ଲୋକମାନଙ୍କୁ ସେମାନଙ୍କର ମତାମତ ଦେବାକୁ ଅନୁରୋଧ କରିଛନ୍ତି । ଜନସାଧାରଣ ନମୋ ଆପ୍ ଓ My Gov  ପୋର୍ଟାଲ୍‌ରେ ସେମାନଙ୍କର ମତାମତ ଦେଇ ପାରିବେ । ଏହା ବ୍ୟତୀତ ସେମାନେ 1800-11-7800 ଡାଏଲ୍ କରି ସେମାନଙ୍କର ମତାମତ ରେକର୍ଡ କରିପାରିବେ । ସେମାନେ ମଧ୍ୟ 1922 କୁ ମିସ୍‌ଡ କଲ୍ ଦେଇ SMS ଅନୁସାରେ ନିଜର ମତାମତ ଆସନ୍ତା ୨୫ ତାରିଖ ମଧ୍ୟରେ ଦେଇପାରିବେ ।

ମନ୍ କି ବାତ୍ କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟ୍‌ଓ୍ୱର୍କ, ଆକାଶବାଣୀ ସମ୍ବାଦ ଓ୍ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ମୋବାଇଲ୍ ଆପ୍‌ରେ ଉପଲବ୍ଧ ହେବ । ଏହା ଆକାଶବାଣୀ ସମ୍ବାଦ, ଡି.ଡି. ନ୍ୟୁଜ୍, ପି.ଏମ୍.ଓ. ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ଲାଇଭ୍ ଷ୍ଟ୍ରିମିଙ୍ଗ୍ ହେବ । ହିନ୍ଦୀ ପ୍ରସାରଣ ପରେ ପରେ ଆକାଶବାଣୀ କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣର ପ୍ରସାରଣ କରିବ ।